# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 MAY– 2026**

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ୧୯୭୪ରୁ ୨୦୨୫ ମସିହା ମଧ୍ୟରେ ପ୍ରଣୀତ ୩୫୮ଟି ଅଧିନିୟମ ଅନାବଶ୍ୟକ ହୋଇଥିବାରୁ ବିଲୋପ ପାଇଁ ନିଷ୍ପତ୍ତି ନିଆଯାଇଛି । କ୍ୟାବିନେଟ୍‌ରେ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ନ୍ୟାୟାଳୟ ଗୁଡ଼ିକରେ କୋର୍ଟ ମ୍ୟାନେଜର ମାନଙ୍କ ନିୟମିତକରଣ ପାଇଁ ଏକ ନୂତନ ନିୟମାବଳୀ ପ୍ରଣୟନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସେହିଭଳି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଚାଷ (ନିଷେଧ ନିୟନ୍ତ୍ରଣ ବିଧେୟକ ୨୦୨୬)କୁ ଅନୁମୋଦନ ମିଳିଛି । ଏହା ଅନୁସାରେ ମାଛ ଧରିବା ଉପରେ ନିୟନ୍ତ୍ରଣ, ସାମୁଦ୍ରିକ ପଞ୍ଜୁରୀ ମାଛ ଚାଷ, କୃତ୍ରିମ ପ୍ରବାଳ ବ୍ୟବହାର ଆଦିକୁ ପ୍ରୋତ୍ସାହନ ମିଳିବ । ବୈଠକରେ ତାପଜ ବିଦ୍ୟୁତ୍‌ଶକ୍ତି କ୍ରୟ, ରାଜ୍ୟ ଅମଲା ସେବା କ୍ୟାଡରରେ ସମୁଦାୟ ୧ହଜାର ୩୨ଟି ନୂତନ ପଦବୀ ସୃଷ୍ଟି, ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜି ଗୁଡ଼ିକର ସୁରକ୍ଷା ପାଇଁ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ ନିୟମାବଳୀ ୨୦୨୬)କୁ ମଞ୍ଜୁରୀ ମିଳିଛି । ଏହାବ୍ୟତୀତ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି

ସୁଦୃଢ଼ ପାଇଁ ଅଧିକ ୨୧୭ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ଶ୍ରୀମତୀ ଗର୍ଗ କହିଛନ୍ତି ।

## ଶିଳ୍ପମନ୍ତ୍ରୀ-ସମୀକ୍ଷା ବୈଠକ

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓଡ଼ିଶା ଶିଳ୍ପ ପ୍ରୋତ୍ସାହନ ଏବଂ ପୁଞ୍ଜି ନିଗମ ଲିମିଟେଡ୍ - ଇପିକଲ୍‌ର ସମୀକ୍ଷା ବୈଠକରେ ପୁଞ୍ଜିନିବେଶ ପ୍ରସ୍ତାବ ଗୁଡ଼ିକର ବାସ୍ତବ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି । ମନ୍ତ୍ରୀ ରାଜ୍ୟରେ ଚାଲୁଥିବା ଶିଳ୍ପଭିତ୍ତିକ କାର୍ଯ୍ୟକଳାପର ଅଗ୍ରଗତି, ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରୀୟ ସ୍ଥିତି ଏବଂ ଆଗାମୀ ଦିନରେ ହେବାକୁ ଥିବା ନିବେଶକ ସମ୍ମିଳନୀ ନେଇ ବୈଠକରେ ସମୀକ୍ଷା କରିଛନ୍ତି ।

## ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗାଣ ଅଧିକାରୀ ମାନଙ୍କ ସମ୍ମିଳନୀରେ ଯୋଗଦେଇ ସେମାନଙ୍କ କାର୍ଯ୍ୟ ଦକ୍ଷତାର ପ୍ରଶଂସା କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସଫଳ ରୂପାୟନ ନେଇ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତ୍ୱାରୋପ କରିଥିଲେ ।

## ଆପ୍‌ର ଶୁଭାରମ୍ଭ

ରାଜ୍ୟରେ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ 'ୱି କେୟାର ସାଥୀ' ଆପ୍‌ର ଶୁଭାରମ୍ଭ କରାଯାଇଛି। ଜରୁରୀକାଳୀନ ସମୟରେ ଆପ୍‌ରେ ଥିବା ଏକ ନିର୍ଦ୍ଦିଷ୍ଟ ବଟନ ଦବାଇଲେ

ତୁରନ୍ତ ସହାୟତା ମିଳିପାରିବ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି । ପୂର୍ବରୁ ଥିବା ମୋ ସାଥୀ ଆପ୍‌କୁ ଅପ୍‌ଗ୍ରେଡ୍ କରାଯାଇ ନୂତନ ଆପ୍ ବିକଶିତ କରାଯାଇଛି ।

## ରତ୍ନଭଣ୍ଡାର ଗଣତି

ପୁରୀ ଶ୍ରୀମନ୍ଦିରରେ ଆଜି ମଧ୍ୟାହ୍ନ ଧୂପନୀତି ସରିବା ପରେ ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ନେଇ ପ୍ରାଧିକୃତ ଟିମ୍ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ । ଗଣତି କାର୍ଯ୍ୟ ସଂଧ୍ୟାଧୂପ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ।

## ସମୀକ୍ଷା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆୟୋଗର ମୁଖ୍ୟ ପରିଚାଳକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ରାୟଗଡା ଜିଲ୍ଲା ଗସ୍ତ କରି ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଶ୍ରୀ ଆଚାର୍ଯ୍ୟ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ଯୋଜନା ସହ ଗ୍ରାମ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ ବିଷୟରେ ଆଲୋଚନା କରିଥିଲେ ।

## ବୈଠକ

ଖୋର୍ଦ୍ଧା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ

ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବର୍ଷାଜଳ ପରିମାପକ କେନ୍ଦ୍ର ମରାମତି ଓ ବୃଷ୍ଟିପାତ ବିବରଣୀ ପ୍ରେରଣ, ଦୁର୍ବଳ ନଦୀ ଓ କେନାଲ ବନ୍ଧର ଯୁଗ୍ମ ତଦନ୍ତ, କୃଷି କାର୍ଯ୍ୟ ପାଇଁ ଆଗୁଆ ପଦକ୍ଷେପ ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା ।

## ସ୍ମାରକପତ୍ର ପ୍ରଦାନ

ନୂଆପଡା ଜିଲ୍ଲାର ସଡ଼କପଥ ଉନ୍ନତିକରଣ ଓ ସଂଯୋଗୀକରଣ ନେଇ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଥିରେ ନୂଆପଡା ଜିଲ୍ଲା ସହ ପଡୋଶୀ ରାଜ୍ୟକୁ ସଂଯୋଗ କରିବା ନେଇ ଶ୍ରୀ ପଣ୍ଡା ଦାବି ଉପସ୍ଥାପନ କରିଛନ୍ତି ।

## କେନ୍ଦୁପତ୍ର ସଂଗ୍ରହ

ନବରଙ୍ଗପୁର ଜିଲ୍ଲାରେ ଚଳିତବର୍ଷ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି । ଜିଲ୍ଲାରେ ୭୯ହଜାର ୨୮୫ଜଣ କେନ୍ଦୁପତ୍ର ତୋଳାଳି ଅଛନ୍ତି । ତୋଳାଳି କଲ୍ୟାଣପାଣ୍ଠିରୁ ଏଥିପାଇଁ ୯୧ଜଣଙ୍କୁ ୧କୋଟି ୭୯ଲକ୍ଷ ଟଙ୍କା ସହାୟତା ଦିଆଯାଇଥିବା ବନଖଣ୍ଡ ଅଧିକାରୀ କିରଣବଳା ସାମନ୍ତରାୟ ସୂଚନା ଦେଇଛନ୍ତି ।

## ଆଣ୍ଟି ଟେରରିଜମ୍ ଡେ

ଆତଙ୍କବାଦୀ କାର୍ଯ୍ୟକଳାପର ଭୟାବହତା ଏବଂ ଏ ଦିଗରେ ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ଆତଙ୍କବାଦ ନିରୋଧୀ ଦିବସ ପାଳନ କରାଯାଉଛି । ଯୁବପିଢ଼ିଙ୍କୁ ଆତଙ୍କବାଦ ଏବଂ ହିଂସାଠାରୁ ଦୂରେଇ ରଖିବା ଏହି ଦିବସର ଉଦ୍ଦେଶ୍ୟ ।

## ରଗ୍‌ବୀ ପ୍ରଶିକ୍ଷଣ

ଭାରତ-ନ୍ୟୁଜିଲାଣ୍ଡ କ୍ରୀଡ଼ା ସମ୍ପର୍କର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ୨ଦିନ ଧରି ବିଶେଷଜ୍ଞ ରଗ୍‌ବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ଭାରତ-ନ୍ୟୁଜିଲାଣ୍ଡ କ୍ରୀଡ଼ା ସହଯୋଗର ୧୦୦ ବର୍ଷ ପୂର୍ତ୍ତି ପାଳନ ସମୟରେ ଏହିଭଳି ସହଭାଗିତା ଗୁରୁତ୍ୱବହନ କରେ । ଏହାକୁ ସଫଳ କରିବା ପାଇଁ ଦୁଇଦେଶର ଉଦ୍ୟମକୁ ଶ୍ରୀ ମାଣ୍ଡବୀୟ ପ୍ରଶଂସା କରିଛନ୍ତି ।

## ଅଙ୍ଗନବାଡି କେନ୍ଦ୍ର ବନ୍ଦ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ପ୍ରାକ୍ ପ୍ରାଥମିକ ଶିଶୁମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବ ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଗକୁ ତାପମାତ୍ରା ଆହୁରି ବୃଦ୍ଧି ପାଇବା ସହ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଗ୍ରୀଷ୍ମଲହରୀ ଜାରି ରହିବ । ଗତକାଲି ୨୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଝାରସୁଗୁଡାଠାରେ ସର୍ବୋଚ୍ଚ ତାପମାତ୍ରା ୪୬ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଗ୍ରୀଷ୍ମଲହରୀ ବୃଦ୍ଧି ପାଇବାନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।